ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.119 Bhubaneswar Thursday June 15 2023 | ୨୬ତମ ବର୍ଷ ସଂଖ୍ୟା-୧୧୯ ଭୁବନେଶ୍ୱର, ଗୁରୁବାର, ଜୁନ ୧୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଗୁଜରାଟ ମୁହାଁଇଛି ବଡ଼ବାତ୍ୟା 'ବିର୍ଯ୍ୟୟ'

# ସେନାର ୩ ବାହିନୀକୁ ରଖାଗଲା ସଜାଗ; ୫୦ ହଜାର ଲୋକଙ୍କୁ କରାଗଲା ସ୍ଥାନାନ୍ତର

ନୂଆଦିଲ୍ଲୀ, ୧୪ ।୬(ପି.ଏନି): ଆରବ ସାଗରରେ ସୃଷ୍ଟି ହୋଇଥିବା ବଡ଼ ସାମୁଦ୍ରିକ ବାତ୍ୟା 'ବିର୍ଯ୍ୟୟ' ଭୀଷଣ ରୂ ଧାରଣ କରି ଗୁଜୁରାଟ ଉପକୂଳ ଆଡ଼କୁ ମୁହାଁଉଛି । ଗୁଜରାଟର ପୋରବନ୍ଦରରେ ବୁଧବାର ପ୍ରବଳ ପବନ ସହ ପ୍ରବଳ ବର୍ଷା। ଯୋଗୁଁଯାତାୟତ ବାଧାପ୍ରାପ୍ତ ହୋଇଥିବା ବେଳେ ଅନେକ ଗଛ ଉପୁଡ଼ି ପଡ଼ିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଗୁଜୁରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୋଆ, ଲାକ୍ଷାଦ୍ୱୀପ ସମେତ ଅନେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରିଛି। ସମୁଦ୍ର ଅଶାନ୍ତ ହୋଇଯାଇ ଥିବାରୁ ଗୁଜୁରାଟର ବନ୍ଦରଗୁଡ଼ିକ ବନ୍ଦ ରହିଛି ଏବଂ ଜାହାଜଗୁଡ଼ିକୁ ଲଙ୍ଗର କରାଯାଇଛି। ସେପଟେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୁଧବାର ତିନି ସେନା ମୁଖ୍ୟଙ୍କ ସହ କଥା ହୋଇ ବାତ୍ୟା 'ବିର୍ଯ୍ୟୟ' ପ୍ରଭାବର ମୁକାବିଲା ପାଇଁ ସଶସ୍ତ୍ର ବାହିନୀର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ତିନି ସେନା ମୁଖ୍ୟଙ୍କ ସହ କଥା ହୋଇ



ବାତ୍ୟା 'ବିର୍ଯ୍ୟୟ'ର ଲ୍ୟାଣ୍ଡଫଲ୍ ପାଇଁ ସଶସ୍ତ୍ର ବାହିନୀର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ବାତ୍ୟା ଜନିତ ଯେକୌଣସି ପରିସ୍ଥିତି କିମ୍ବା ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଶସ୍ତ୍ର ବାହିନୀ ବେସାମରିକ କର୍ତ୍ତୃ କ୍ଷଙ୍କୁ ଯଥାସମ୍ଭବ ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ଅଛି।ଅନ୍ୟପକ୍ଷରେ ଗୁଜୁରାଟ କଚ୍ଛ ଜିଲ୍ଲାର ଜାଖାଉ ବନ୍ଦର ନିକଟରେ ଶକ୍ତିଶାଳୀ ସାମୁଦ୍ରିକ ଝଡ଼ 'ବିର୍ଯ୍ୟୟ'ର ଲ୍ୟାଣ୍ଡଫଲ୍ ପୂର୍ବରୁ କର୍ତ୍ତୃପକ୍ଷ ବର୍ତ୍ତମାନ ସୁଦ୍ଧା ଗୁଜରାଟର ଉପକୂଳବର୍ତ୍ତୀ ଅଞ୍ଚଳରୁ ୫୦ ହଜାର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିଛନ୍ତି। ଗୁଜୁରାଟ ଉପକୂଳ ଆଡ଼କୁ ସାମୁଦ୍ରିକ ବାତ୍ୟା 'ବିର୍ଯ୍ୟୟ' ଗତି କରୁଥିବା ବେଳେ ସୌରାଷ୍ଟ୍ର-କଚ୍ଛ ଅଞ୍ଚଳର କିଛି ଅଂଶରେ ପ୍ରବଳ ପବନ ସହ ପ୍ରବଳ ବର୍ଷା ହୋଇଛି ବୋଲି ପାଣିଗ ବିଭାଗ ବୁଧବାର କହିଛି। ଭାରତୀୟ ପାଣି ପାଗ ବିଭାଗ (ଆଇଏମଡି) କହିଛି ଯେ ଏହି ବାତ୍ୟା ଗୁରୁବାର ସନ୍ଧ୍ୟାରେ ଅତି ଭୀଷଣ ସାମୁଦ୍ରିକ ଝଡ଼ ଭାବେ ସ୍ଥଳଭାଗ ଛୁଇଁବ ଏବଂ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୫୦ କିଲୋମିଟର ଛୁଇଁବ।ସାମୁଦ୍ରିକ ବାତ୍ୟା 'ବିପର୍ଯ୍ୟୟ' ଏବେ କଚ୍ଛଠାରୁ ପ୍ରାୟ ୨୯୦ କିଲୋମିଟର ଦୂରରେ ରହିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ପ୍ରାୟ ୫୦ ହଜାର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ଏବଂ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି ବୋଲି ରାଜ୍ୟ ରିଲିଫ୍ କମିଶନର ଆଲୋକ କୁମାର ପାଣ୍ଡେ କହିଛନ୍ତି।

## ନୀତୀଶ କୁମାରଙ୍କ କ୍ୟାବିନେଟରୁ ଇସ୍ତଫା ଦେଲେ ସନ୍ତୋଷ

ପାଟନା, ୧୪ ।୬(ପି.ଏନ): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି ବରିଷ୍ଠ ନେତା ସନ୍ତୋଷ କୁମାର ।ଜେଡିୟୁ ସହ ତାଙ୍କ ଦଳ ହିନ୍ଦୁସ୍ତାନ ଆବାମ ମୋର୍ଚ୍ଚା(ଏଚଏଏମ) ମଧ୍ୟ ସରକାରର ଅଂଶ ବିଶେଷ ରହିଛି। ହେଲେ ଏଚଏଏମକୁ ଏବେ ଜେଡିୟୁରେ ଲୀନ କରିବାକୁ ଚାପ ପଡୁଥିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ସେ କହିଛନ୍ତି, "ଆମ ଦଳର ଅସ୍ତିତ୍ୱ ଏବେ ବିପଦରେ। ମୁଁ ଏହାର ସୁରକ୍ଷା ପାଇଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛି।"ସନ୍ତୋଷ କହିଛନ୍ତି ଯେ ମୁଁ ମୋର ଇସ୍ତଫା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛି। ମୋର ଇସ୍ତଫା ପାଇଁ କେବଳ ଗୋଟିଏ କାରଣ ଅଛି । ଆମର ଦଳକୁ ଜେଡିୟୁ ସହ ମିଶ୍ରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଯେତେବେଳେ ଆମେ ଆମର କର୍ମୀ, ବିଧାୟକମାନଙ୍କ ସହ ଆଲୋଚନା କଲୁ, ସମସ୍ତେ ମିଶ୍ରଣ ପାଇଁ ମନା କରିଦେଲେ । ମିଶ୍ରଣ ପ୍ରସ୍ତାବ ଜେଡିୟୁ ପକ୍ଷରୁ ଆସିଥିଲା । ଆମେ ଜେଡିୟୁର ଭାବନାକୁ ସମ୍ମାନ କରୁ, କିନ୍ତୁ କିଛି ପ୍ରସଙ୍ଗରେ ଆମର ଦଳ ମଧ୍ୟ ଗଠନ ହୋଇଛି, ତେଣୁ ଆମେ ସଂଗ୍ରାମର ରାସ୍ତାରେ ଚାଲିବାକୁ ଉଚିତ ମନେ କଲୁ ।





## ନାଗାଲାଣ୍ଡର ସମୃଦ୍ଧ ଜୈବିକ ଉତ୍ପାଦ ସତରେ ମନୋହର: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୪ ।୬(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ନାଗାଲାଣ୍ଡର ସମୃଦ୍ଧ ଜୈବିକ ଉତ୍ପାଦ ପ୍ରକୃତି ଓ ସଂସ୍କୃତି ମଧ୍ୟରେ ସହାବସ୍ଥାନକୁ ପ୍ରମାଣିତ କରୁଛି । ରାଜ୍ୟସଭା ସାଂସଦ ଶ୍ରୀମତୀ ଏସ. ଫାଙ୍ଗନୋନ କୋନ୍ୟାକଙ୍କ ଟ୍ୱିଟ ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ଟ୍ୱିଟ କରିଛନ୍ତି; "ନାଗାଲାଣ୍ଡର ସମୃଦ୍ଧ ଜୈବିକ ଉତ୍ପାଦ ସତରେ ମନୋହର । ଏହା ପ୍ରକୃତି ଓ ସଂସ୍କୃତି ମଧ୍ୟରେ ସହାବସ୍ଥାନକୁ ମଧ୍ୟ ପ୍ରମାଣିତ କରୁଛି।"

## ମହାପ୍ରଭୁଙ୍କ ରଥଯାତ୍ରା ସୁରୁଖୁରୁରେ ଶେଷ କରିବା ଆମ ସମସ୍ତଙ୍କ ଦାୟିତ୍ୱ : ମୁଖ୍ୟମନ୍ତ୍ରୀ

ପୁରୀ/ଭୁବନେଶ୍ୱର, ୧୪ ।୬(ପି.ଏନ): ମହାପ୍ରଭୁ ଓଡ଼ିଆ ଜାତିର ଶ୍ରେଷ୍ଠ ପରିଚୟ। ମହାପ୍ରଭୁଙ୍କ ରଥଯାତ୍ରାକୁ ସାରା ବିଶ୍ୱ ଚାହିଁ ରହି ଥାଏ। ମହାପ୍ରଭୁଙ୍କ ରଥଯାତ୍ରା ସୁରୁଖୁରୁରେ ଶେଷ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଦିନ ରଥଯାତ୍ରା ତୃତୀୟ ତଥା ଶେଷ ସମନ୍ୱୟ ବୈଠକରେ ଅଧ୍ୟକ୍ଷତା କରିବା ସହିତ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଠିକ୍ ସମୟରେ ମହାପ୍ରଭୂଙ୍କ ନୀତି ପାଳନ କରାଯିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଥି ସହିତ ପୁରୀକୁ ଆସୁଥିବା ଭକ୍ତମାନଙ୍କ ସୁରକ୍ଷା ଓ ଅନ୍ୟ ସୁବିଧା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। ଏ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦରକାର।ସେହିପରି ଦେଶ-ବିଦେଶରୁ ଆସୁଥିବା ଭକ୍ତମାନେ ଯେପରି ଭଲ ଅନୁଭବ ନେଇ ଫେରିବେ ସେଥିପ୍ରତି ଆମେ ବିଶେଷ ଧ୍ୟାନ ଦେବା ଦରକାର। ପୁରୀର ଜନସାଧାରଣ, ମହାପ୍ରଭୁଙ୍କ ସେବାୟତ, ପ୍ରଶାସନ ପୁଲିସ ସମସ୍ତେ ସେବା ଓ ସମର୍ପଣ ମନୋଭାବ, ମହାପ୍ରଭୂଙ୍କ ଏ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ସଫଳ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।ପୁରୀସ୍ଥିତ ଟାଉନ ହଲ୍ ଠାରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଯୋଗ ଦେଇଥିଲେ। ଏଥି ବୈଠକରେ ଶ୍ରୀମନ୍ଦିର ନିତିକାନ୍ତି, ପହଣ୍ଡି, ରଥଟଣା, ଗହଳି ନିୟନ୍ତ୍ରଣ, ଲକ୍ଷଲକ୍ଷ ଭକ୍ତଙ୍କ ଗହଳିକୁ ନେଇ ଆନୁଷଙ୍ଗିକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ, ଜଳସିଂଚନ, ଭିଆଇପି ଦର୍ଶନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ୩୦୩ ଜଣଙ୍କୁ ନିଯୁକ୍ତିପତ୍ର ବିତରଣ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୪ ।୬(ପି.ଏନ): "ବିଶ୍ୱ ସମସ୍ୟାର ସମାଧାନ ଆପଣଙ୍କ ପାଖରେ ଅଛି, ଏପରି ମନୋଭାବ ନେଇ ଯୁବବର୍ଗ ସେବା କରନ୍ତୁ" । ମଙ୍ଗଳବାର ଭୁବନେଶ୍ୱର ଠାରେ 'ରାଷ୍ଟ୍ରୀୟ ରୋଜଗାର ମେଳା'ର ଷଷ୍ଠ ପର୍ଯ୍ୟାୟ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏହି ଅବସରରେ ୩୦୩ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବିରତଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରୀ ଚାକିରିର ନିଜସ୍ୱ ମାନ, ମର୍ଯ୍ୟାଦା ଓ ଦାୟିତ୍ୱ ଅଛି । ଆଜି ସରକାରୀ ଚାକିରି କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ସାମାଜିକ ଦୃଷ୍ଟିରୁ ମଧ୍ୟ ମର୍ଯ୍ୟାଦାଜନକ ହୋଇଛି । ସମାଜର ସାମୂହିକ ପ୍ରୟାସ ବଳରେ ଆଜି ନବନିଯୁକ୍ତ ଯୁବସାଥୀମାନେ ସେହି ମର୍ଯ୍ୟାଦାର ଅଧିକାରୀ ହେଲେ ଓ ତାଙ୍କ ଦାୟିତ୍ୱ ମଧ୍ୟ ବଢ଼ିଲା । ସେମାନେ ନିଜ ନିଜ ପଦବୀରେ ରହି ସାମାଜିକ ଓ ଲୋକମାନଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଦରକାର।ଆଜି ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଠାରୁ ୭୦ ହଜାରରୁ ଅଧିକ ଯୁବକ ଯୁବତୀମାନେ ବିଭିନ୍ନ ସରକାରୀ ବିଭାଗରେ କାମ କରିବା ପାଇଁ ରୋଜଗାର ପତ୍ର ପାଇଛନ୍ତି । ଏହା ଆମ ଦେଶ ପାଇଁ ଗର୍ବ ଓ ଗୌରବର ଉପଲବ୍ଧି । ରଥଯାତ୍ରାର ପବିତ୍ର ମାସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ଯୁବବର୍ଗଙ୍କୁ ଶୁଭେଚ୍ଛା ଜଣାଉଛି । ଓଡ଼ିଶାରେ ନିଯୁକ୍ତି ପାଇଥିବା ଦକ୍ଷ ଯୁବସାଥୀମାନେ ରାଷ୍ଟ୍ରାୟତ ବ୍ୟାଙ୍କ୍ ସମୂହ, ଭାରତୀୟ ରେଳ, ଡ଼ାକ ବିଭାଗ, ଇଏସଆଇସି, ଏଏସଆଇ, ଇନକମ ଟ୍ୟାକ୍ସ, ଡିଆରଡିଓ, ଏମ୍ସ ଭୁବନେଶ୍ୱର, ଆଇଆଇଟି ଭୁବନେଶ୍ୱର ସମେତ ବିଭିନ୍ନ ବିଭାଗରେ ଜନସେବା କରିବାର ନୂଆ ଦାୟିତ୍ୱ ନେଇଛନ୍ତି ।କୋଭିଡ୍ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଦାୟିତ୍ୱ ଓ କୋଭିଡ୍ ଯୋଦ୍ଧାଙ୍କ ପରିଶ୍ରମ ସହ ୧୪୦ କୋଟି ଭାରତୀୟଙ୍କ ଦୃଢ ଇଚ୍ଛାଶକ୍ତି ବଳରେ ଆମେ ମହାମାରୀକୁ ପରାଜୟ କରିବାରେ ସଫଳ ହୋଇଥିଲେ । ସଂକଟକୁ ସୁଯୋଗରେ ପରିଣତ କଲେ ।

## ଷ୍ଟିଲ ପ୍ଲାଂଟ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୪ ।୬(ପି.ଏନ): ଢେଙ୍କାନାଳ ମେରାମଣ୍ଡଳି ସ୍ଥିତ ଟାଟା ଷ୍ଟିଲ ପ୍ଲାଂଟରେ ଷ୍ଟିମ୍ ପାଇପ୍ ଲାଇନ୍ ଫାଟି ଏକାଧିକ କର୍ମଚାରୀ ଆହତ ହେବା ଘଟଣାରେ କେନ୍ଦ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ବ୍ୟକ୍ତ କରିଛନ୍ତି। ଏହାସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ।କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଢେଙ୍କାନାଳ ମେରାମଣ୍ଡଳି ସ୍ଥିତ ଘରୋଇ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଏକ ଅଘଟଣରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ।

## ବାନ୍ଦିପୋରାରେ ଲସ୍କର ଏ ତୈବାର ଓଭର ଗ୍ରାଉଣ୍ଡ ୱାର୍କର ଗିରଫ

ବାନ୍ଦିପୋରା, ୧୪ ।୬(ପି.ଏନ): ସୁରକ୍ଷା ବଳ ଜାମ୍ମୁ-କାଶ୍ମୀରର ବାନ୍ଦିପୋରାରୁ ମଙ୍ଗଳବାର କୁଖ୍ୟାତ ଆତଙ୍କବାଦୀ ସଂଗଠନର ଲସ୍କର ଏ ତୈବାର ଜଣେ ଓଭର ଗ୍ରାଉଣ୍ଡ ୱାର୍କରକୁ ଗିରଫ କରିଛି ।

## କୋଣଠେସା ବିଜେପି ନେତା ହତାଶିଆ ବିବୃତି ଦେଉଛନ୍ତି: ବିଜେଡି

ଭୁବନେଶ୍ୱର, ୧୪ ।୬(ପି.ଏନ): ରାଜ୍ୟ ରାଜନୀତିରେ ନିଜ ଦଳ ଦ୍ୱାରା କୋଣଠେସା ହୋଇଥିବା ରାଜ୍ୟ ବିଜେପିର ଜଣେ ବରିଷ୍ଠ ନେତା କିଭଳି ଈର୍ଷାନ୍ୱିତ ଓ ନିରାଶହୋଇ ପଡିଛନ୍ତି ତାହା ଆଜି ସେ ଦେଇଥିବା ବିବୃତିରୁ ଜଣାପଡି ଯାଉଛି ବୋଲି କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର ଟୁଇଟ୍ କରି ପ୍ରଶ୍ନ କରିଛନ୍ତି ଯେ ଯେତେବେଳେ ରାଜ୍ୟ ସରକାର ଭଲ କାମ କରୁଛନ୍ତି ଏବଂ ଲୋକଙ୍କ ନିକଟରେ ପହଂଚୁଛନ୍ତି ସେତେବେଳେ ଏହି ନେତା ଜଣଙ୍କ କାହିଁକି ଭୟଭୀତ ହେଉଛନ୍ତି ଓ ଈର୍ଷା କରୁଛନ୍ତି ? ଏହି ନେତା କହିପାରିବେକି ଗତ କିଛି ବର୍ଷ ମଧ୍ୟରେ ଓଡିଶାରେ କେତୋଟି କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ସେଂଟ୍ରାଲ୍ ଇନଷ୍ଟିଚ୍ୟୁସନ୍ ଅଫ୍ ଏମିନେନ୍ସ ପ୍ରତିଷ୍ଠା କରାଯାଇଛି ? ଗତ ନଅ ବର୍ଷ ମଧ୍ୟରେ ସମ୍ବଲପୁରରୁ କଟକ ଏବଂ ଡୁବୁରୀରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି । ଏହି ଜାତୀୟ ରାଜପଥ ଗୁଡିକର ନିର୍ମାଣ ସାରିବା ପାଇଁ ଏହି ନେତା ଜଣଙ୍କ କ'ଣ କରିଛନ୍ତି ? ଏହା ବଦଳରେ ଏହି ନେତା ଓଡ଼ିଶାର ଲୋକଙ୍କୁ ଆଇନହୀନ ବୋଲି କହି ଅପମାନିତ କରନ୍ତି ଏବଂ ଓଡିଶା ବିଜେପିରେ ଥିବା ତାଙ୍କରି ନେତାମାନେ ମିଶନ ଶକ୍ତିର ମହିଳା ଏସଏଚଜି ସଦସ୍ୟ ତଥା ସାଧାରଣ ଜୀବନରେ କାମ କରିବାକୁ ଚାହୁଁଥିବା ମହିଳାମାନଙ୍କୁ ଅପମାନିତ କରନ୍ତି। ତାଙ୍କ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ କିଛି ଟୁଇଟ ମଧ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ ଅଟେ।ସେ ହୁଏତ ଜାଣିନଥିବେ ଆଜି ତାଙ୍କ ଟୁଇଟର ହ୍ୟାଣ୍ଡେଲରେ କ'ଣ ଟୁଇଟ କରାଯାଇଛି । ଆମେ ଶୁଣୁଛୁ ଯେ ଏହି ଟୁଇଟ୍ର ହ୍ୟାଣ୍ଡେଲର ପାସୱାର୍ଡ ତାଙ୍କ ପାଖରେ ନାହିଁ ଏବଂ ଏହି ନେତାଙ୍କ ଦ୍ୱାରା ଯାହା ସ୍କ୍ରିପ୍ଟ ହେଉଛି ତାହା ଶ୍ରୀ ମହାନ୍ତିଙ୍କ ଟୁଇଟର ହ୍ୟାଣ୍ଡଲରେ ପୋଷ୍ଟ କରାଯାଉଛି ବୋଲି ଡକ୍ଟର ପାତ୍ର କହିଛନ୍ତି ।

### ଅଭିନନ୍ଦନ

ରଜ ଅବସରରେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ସ୍ୱପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। -ସମ୍ପାଦକ

### ଛୁଟି ଘୋଷଣା

ରଜ ଅବସରରେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଜୁନ୍ ୧୫ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

-ପ୍ରକାଶକ

## ବିଜୁଳି କାଟ୍ ପ୍ରତିବାଦରେ କାଲିଠୁ ଟାଟା ପାୱାରର ସବୁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବ ବିଜେପି

ଭୁବନେଶ୍ୱର, ୧୪ ।୬(ପି.ଏନ): ରାଜ୍ୟରେ ଘନ ଘନ ବିଦ୍ୟୁତ୍ କାଟ୍ , ଶକ୍ତି ବିଭାଗର ବିଫଳତା ଏବଂ ରାଜ୍ୟ ସରକାରଙ୍କ ଟାଟା ପାୱାର କଂପାନୀ ପ୍ରୀତି ପ୍ରତିବାଦରେ ଭାରତୀୟ ଜନତା ପାର୍ଟୀ ତରଫରୁ ଆସନ୍ତା କାଲି ଜୁନ୍ ୧୪ ଓ ୧୫ ତାରିଖରେ ସାରା ରାଜ୍ୟରେ ଥିବା ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବିଜୁଳି ବିତରଣ କଂପାନୀ ଟାଟା ପାୱାରର ଅରାଜକତା ସମସ୍ତ ସୀମା ଉଲ୍ଲଂଘନ କରିଛି । ସରକାରଙ୍କ ନିୟନ୍ତ୍ରଣ ବାହାରେ ଟାଟା ପାୱାର ଅଛି ଏବଂ ସାଧାରଣ ଉପଭୋକ୍ତା ନାହିଁ ନଥିବା କଷ୍ଟ ଭୋଗୁଛନ୍ତି । ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରୀ ରହିଥିବାବେଳେ ସାମାନ୍ୟ ବର୍ଷା, ପବନ, ଧୂଳିଝଡରେ ଯେଉଁଭଳି ଭାବରେ ମନଇଚ୍ଛା ବିଦ୍ୟୁତ୍ କାଟ କରାଯାଉଛି, ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ୪୫ ଡିଗ୍ରୀ ଖରାରେ ଲୋକେ ହନ୍ତସନ୍ତ ହେଉଛନ୍ତି । ସାଧାରଣ ଉପଭୋକ୍ତା, ବୁଦ୍ଧିଜୀବି, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ଓ ରାଜନୈତିକ ଦଳଗୁଡିକ ବିଜୁଳି କାଟ୍ ପ୍ରତିବାଦରେ ସ୍ୱର ଉତ୍ତୋଳନ କଲେ ସୁଦ୍ଧା ଉଭୟ ଟାଟା ପାୱାର ଏବଂ ରାଜ୍ୟ ସରକାର ଜବାବ୍ ଦେଉନାହାନ୍ତି । କେବଳ ମାତ୍ର ବିଜୁଳି ବିତରଣ ପାଇଁ ଅନୁବନ୍ଧିତ ହୋଇଥିବା ଗୋଟିଏ ଘରୋଇ କଂପାନୀ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅହେତୁକ ଅନୁକଂପା ସବୁଠୁ ବଡ ପ୍ରଶ୍ନ ହୋଇ ଛିଡା ହୋଇଛି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ବିଜୁଳି କଟ୍ ହେବା ଭଳି ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି । ମାତ୍ର ୧୫-୨୦ ମିନିଟ୍ର କାଳବୈଶାଖୀରେ ରାଜଧାନୀ ଭୁବନଶ୍ୱେର ସମେତ ଓଡିଶାର ବିଭିନ୍ନ ସ୍ଥାନରେ ୨୪ ଘଂଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହେଲା। ପାୱାର କଟ୍କୁ ପାୱାର ଟ୍ରିପ୍ ବୋଲି କହି ବିଭାଗୀୟ ମନ୍ତ୍ରୀ ଟାଟା ପାୱାର ସପକ୍ଷରେ ଯୁକ୍ତି ବାଢିଲେ ଏବଂ ଟାଟା ପାୱାରକୁ ସୁହାଇଲା ଭଳି ମନ୍ତବ୍ୟ ଦେଲେ । ବାସ୍ତବରେ ଓଡିଶା ସରକାର ଟାଟା ପାୱାର ଆଗରେ ବନ୍ଧା ପଡିଛନ୍ତି। ରାଜ୍ୟବାସୀ କେତେ ଘଂଟା ବିଜୁଳି କାଟ୍ର କଷ୍ଟ ସହିବେ, ତାହା ଶ୍ୱେତପତ୍ର ଜରିଆର ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ରାଜ୍ୟ ସରକାର ଶକ୍ତି ବିଭାଗ ମନ୍ତ୍ରୀଙ୍କ ଅବହେଳା ଓ ଟାଟା ପାୱାର କଂପାନୀ ପ୍ରୀତି ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ଗଣମାଧ୍ୟମ ପ୍ରମୁଖ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।










# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଝଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମୋ ଓଡ଼ିଶା

## ସୁଶାନ୍ତଙ୍କ ସ୍ୱଦେଶୀ କ୍ରାନ୍ତି ମିଶନ




ଭୁବନେଶ୍ୱର (ପିଏନ୍): ସ୍ନେହ ଓ ଶ୍ରଦ୍ଧାର ପର୍ବ ରକ୍ଷା ବନ୍ଧନ। ଗାଁଠୁ ସହର ରାଖୀର ପସରା ମେଲିଲାଣି। ରାଖୀ ପୂର୍ଣ୍ଣମୀକୁ ନଜରରେ ରଖି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ୩ ବର୍ଷ ହେଲା ନିଜର ଦୃଢ ଇଚ୍ଛାଶକ୍ତି ଏବଂ ପରିଶ୍ରମ ବଳରେ ନୂଆ ସମ୍ଭାବନା ସୃଷ୍ଟି କରି ଆରମ୍ଭ କରିଛନ୍ତି ସ୍ୱଦେଶୀ କ୍ରାନ୍ତି ମିଶନ୍। ସାଧାରଣତଃ ବଜାରରେ ଉପଲବ୍ଧ ରାଖୀ ଏବଂ ଏଥିରେ ବ୍ୟବହୃତ ସାମଗ୍ରୀ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ। ମାତ୍ର ସୁଶାନ୍ତ ନିଜର ଅଧ୍ୟବସାୟ ବଳରେ ପରିବେଶ ଅନୁକୂଳ ରାଖୀ ତିଆରି କରିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ବିଭିନ୍ନ ସାମଗ୍ରୀ ଯଥା- କଳାଧାନ, ଧଳାଧାନ, ନାଲିଧାନ, ବାଜରା, ସୂର୍ଯ୍ୟମୁଖୀ, କଖାରୁ, ଗରମଗଜ ଇତ୍ୟାଦି ବିହନ ସହ ତୁଳା, କାଠି, କାଗଜ, ନଡ଼ା, ସୂତା ଆଦିକୁ ବ୍ୟବହାର କରି ପରିବେଶକୁ ସୁହାଇଲା ଭଳି ଅର୍ଥାତ୍ (ଇକୋ-ଫ୍ରେଣ୍ଡଲି) ଶସ୍ତା ସ୍ୱଦେଶୀ ରାଖୀ ପ୍ରସ୍ତୁତ କରିଛନ୍ତି। ଏଥିରେ ତାଙ୍କ ପତ୍ନୀ ଅନସୂୟା ସାହୁ ଏବଂ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ସହଯୋଗ କରୁଛନ୍ତି। ଏହି ରାଖିଗୁଡ଼ିକ ଆକର୍ଷଣୀୟ ହେବା ସହ ଲୋକମାନଙ୍କର ମନ ଜିଣିପାରୁଛି। ରାଖୀକୁ ଶୈଳଶ୍ରୀ ବିହାର, ପଟିଆ, ଜଟଣୀ ଏବଂ ପୋଖରୀପୁଟ ଆଦି ଅଞ୍ଚଳକୁ ବିକ୍ରୀ ପାଇଁ ପଠାଯାଉଛି। ଚଳିତବର୍ଷ ମନକୁ ଛୁଇଁଲା ପରି ଏବଂ ରାଖୀର ମହତ୍ୱକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତ କରିଛନ୍ତି କଣ୍ଢେଇ ରାଖୀ ଏବଂ ରାଷ୍ଟ୍ରପତି ରାଖୀ। ବଜାରରେ ରାଖୀର ମୂଲ୍ୟ ୨୦ ଟଙ୍କାରୁ ଧରି ୫ ହଜାର ଟଙ୍କା ମଧରେ ବିକ୍ରୀ ହେଉଥିବା ବେଳେ ସୁଶାନ୍ତଙ୍କ ପରିବେଶ ଅନୁକୁଳ ରାଖୀ ୧୦ ଟଙ୍କାରୁ ୧୨୦ ଟଙ୍କା ମୂଲ୍ୟରେ ବିକ୍ରୀ କରାଯାଉଛି। ଚଳିତବର୍ଷ ଦୁଇହଜାର ରାଖୀ ତିଆରି କରାଯାଇଥିବା ସୁଶାନ୍ତ କହିଛନ୍ତି। ପ୍ରତିବର୍ଷ ନିଆରା



ସ୍ୱଦେଶୀ ସାମଗ୍ରୀ ଓ ପରିବେଶକୁ ସୁହାଇଲା ଭଳି ରାଖୀ ପ୍ରସ୍ତୁତ କରୁଥିବା ଏହି ଦମ୍ପତି ପାରମ୍ପରିକ ରାଖୀ ଜରିଆରେ ସମ୍ପର୍କର ବନ୍ଧନ ସହିତ ପ୍ରକୃତିର ବନ୍ଦନା କରିବାର ବାର୍ତ୍ତା ଦେଇଥାନ୍ତି। ଆଗକୁ ଏହି ଇକୋ-ଫ୍ରେଣ୍ଡ୍ଲି ରାଖୀ ଭାରତର କୋଣ ଅନୁକୋଣରେ ସୁଲଭ ମୂଲ୍ୟରେ ପହଞ୍ଚାଇବାକୁ ସୁଶାନ୍ତ ଲକ୍ଷ୍ୟ ରଖିଛନ୍ତି।

## ଆନନ୍ଦ ଆଶ୍ରମରେ ଜନ୍ମଦିନ ପାଳିଲେ ବିଜୟଲକ୍ଷ୍ମୀ ଦାଶ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ୟୁନିଟ୍-୩ ସ୍ଥିତ ବୃଦ୍ଧାଶ୍ରମ ଆନନ୍ଦ ଆଶ୍ରମ ପରିସରରେ ସମାଜସେବିକା ବିଜୟଲକ୍ଷ୍ମୀ ଦାଶଙ୍କ ୨୯ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କୁ ରନ୍ଧା ଖାଦ୍ୟ ବଂଟନ ସହ ଗୋଟିଏ ଗ୍ରାଇଣ୍ଡର ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ନିମନ୍ତେ ପ୍ରଦାନ କରାଯାଇଥିଲା। କେକ୍ କାଟିବା ଓ ମହମବତୀ ଲଗାଇ ଲିଭାଇବା ପରମ୍ପରାକୁ ବାଦ୍ ଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭଜନ୍ମୋତ୍ସବ ଉକ୍ତ ଆଶ୍ରମରେ ପାଳନ କରାଯାଇଥିଲା, ଯାହାକି ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ଉକ୍ତ ଆଶ୍ରମର ମୁଖ୍ୟ ପରିଚାଳକ ପଦ୍ମଚରଣ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ମହିମା ସେବା ଫାଉଣ୍ଡେସନର ସଭାପତି ନାରାୟଣ ଖୁଂଟିଆ, ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସାହୁ, ଆଶୁତୋଷ ଉପସ୍ଥିତ ରହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ପିଙ୍କିନା ପ୍ରଧାନ।

## ମୁକୁଳା ଟ୍ରାନ୍ସଫରମର୍‌କୁ ନେଇ ଜନଅସନ୍ତୋଷ: ଗଲାଣି ୬ ପଶୁଙ୍କ ଜୀବନ, ପ୍ରଶାସନ ନୀରବ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ଗାଙ୍ଗୋତ୍ରୀ ନଗର (Road No-3)ର ପ୍ରବେଶ ପଥଠାରେ ଏକ ଟ୍ରାନ୍ସଫରମର ମୁକୁଳା ହୋଇ ପଡିରହିଛି। ଗାଈ, ଗୋରୁ, ମଣିଷ, ଛୋଟ ପିଲା ସ୍କୁଲ ଦେଇ ସେଇ ବାଟେ ଯିବା ଆସିବା କରୁଥିବାରୁ ସେମାନଙ୍କ ଜୀବନ ବିପଦରେ ପଡିଛି। କିଛିଦିନ ପୂର୍ବରୁ ଟ୍ରାନ୍ସଫରମର ପାଖରେ ଘାସ ଖାଉଥିବା ସମୟରେ ଟ୍ରାନ୍ସଫରମର ସମ୍ପର୍କରେ ଆସି ଗୋଟିଏ ଗାଈର ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ୩, ୪ଟି ପଶୁଙ୍କର ଉକ୍ତ ସ୍ଥାନରେ ମୃତ୍ୟୁ ଏବଂ ଗୁରୁତର ଭାବେ ଆହତ ହୋଇଛନ୍ତି। ଟ୍ରାନ୍ସଫରମଟି ମୁକୁଳା ହୋଇପଡିଥିବାରୁ ରାତି ସମୟରେ ସାଧାରଣ ଲୋକ ଗମନାଗମନ କରିବା ସମୟରେ ତାଙ୍କ ଗାଡି କିମ୍ବା ଚଲାପଥରେ ବ୍ୟାପକ ବାଧକ ସୃଷ୍ଟି ହେଉଛି। ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। କନିଷ୍ଠ ଯନ୍ତ୍ରୀ କହୁଛନ୍ତି ଏସଡିଓଙ୍କୁ କହିବା ପାଇଁ, ଏସଡିଓ କହୁଛନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ କହିବା ପାଇଁ। ଫଳରେ ମଣିଷ ଓ ପଶୁଙ୍କ ଜୀବନ ବାଜିରେ ଲାଗିଛି। ଏଣୁ ତୁରନ୍ତ ଗ୍ରୀଲ୍ କିମ୍ବା ଲୁହାବାଡ ଉକ୍ତ ସ୍ଥାନରେ ସ୍ଥାପନ କରି ମଣିଷ ଏବଂ ପଶୁପକ୍ଷୀଙ୍କ ଜୀବନ ରକ୍ଷାକରିବା ପାଇଁ ଗାଙ୍ଗୋତ୍ରୀ ନଗର ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ବନମହୋତ୍ସବ ଜଗନ୍ନାଥପୁରରେ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ମା’ ରାମଚଣ୍ଡୀ ମନ୍ଦିର ପରିସରରେ ଅଗ୍ରଣୀ ପ୍ରକୃତିପ୍ରେମୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ମାଧ୍ୟମରେ ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକି ଆଲୋଚନାଚକ୍ର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ଜେନା ଯୋଗଦେଇ ପରିବେଶ ପ୍ରଦୂଷଣ ଯୋଗୁଁ ବିଶ୍ୱ ତାପାୟନ ବୃଦ୍ଧି ପାଇଛି। ଏହାଦ୍ୱାରା ଜଳବାୟୁର ପରିବର୍ତ୍ତନ ଘଟିଛି। ପ୍ରାକୃତିକ ବିପର୍ଯ୍ୟୟ ମହାବାତ୍ୟା, ମହାବନ୍ୟା, ସୁନାମୀ, ଭୂମିକମ୍ପ, ଅଜଣା ରୋଗ, ମରୁଡି, ଅଂଶୁଘାତ, ବିଶ୍ୱ ମହାମାରୀ କରୋନା ଭଳି ଭୟଙ୍କର ରୋଗ ଦେଖାଦେଇ ଲକ୍ଷ ଲକ୍ଷ ମାନବ ଜୀବନ ମୃତ୍ୟୁ ମୁଖରେ ପଡୁଛି। ଏଥିରୁ ରକ୍ଷା ପାଇବା ପାଇଁ ବହୁଳ ଭାବରେ ବୃକ୍ଷରୋପଣ କରାଯିବା ସହ ପୁରୁଣା ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁରେନ୍ଦ୍ରନାଥ ବେହେରା, ଦେବକାନ୍ତ ମଲ୍ଲ, ରଞ୍ଜନ କୁମାର ନାୟକ, ଭଞ୍ଜକିଶୋର ଦାସ, ଅବସରପ୍ରାପ୍ତ ସୈନିକ ମୁରଲୀଧର ଦାସ, ଯୁଧିଷ୍ଠିର ସ୍ୱାଇଁ, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ଅବସରରେ ପିଜୁଳି, ଅଁଳା, ଆକାଶି, ସୁନାରୀ, ଲେମ୍ବୁ, ଶିଶୁ ଆଦି ବୃକ୍ଷର ଚାରାରୋପଣ କରିଥିଲେ।

## ସ୍କାନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ



ସମ୍ବଲପୁର (ପିଏନ୍): ସୋସିଆଲ ଏଣ୍ଡ କଲଚରାଲ ଏଡଭାନ୍ସ ନେଟୱାର୍କ (ସ୍କାନ) ପକ୍ଷରୁ ଦୁର୍ଗାପାଲି ସ୍ଥିତ ଖଡିଆପଡ଼ା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶ୍ରମ, ନିଯୁକ୍ତି ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟିକା ଡକ୍ଟର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ଯୋଗ ଦେଇଥିଲେ। ସ୍କାନର ଅଧକ୍ଷ ସୁଧାଂଶୁ ଶେଖର ମହାରଣା ସଭା ପ୍ରାରମ୍ଭରେ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଦୁର୍ଗାପାଲି ଗ୍ରାମ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମସ୍ତ ଅତିଥିମାନଙ୍କ ସହ ସ୍କାନର ସଦସ୍ୟଗଣ ଏବଂ ଖଡିଆପଡ଼ା ଓ ଦୁର୍ଗାପାଲି ଗ୍ରାମବାସୀମାନେ ମିଳିତ ଭାବେ ୧୫୦ ଚାରା ରୋପଣ କରିଥିଲେ। ଏଥିରେ ଆମ୍ବ, ନିମ୍ବ, ଜାମୁ, ବେଲ, କୃଷ୍ଣଚୁଡ଼ା ପ୍ରଭୃତି ଚାରା ରୋପଣ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ‘ସ୍କାନ’ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡର ସଭାପତି ସଞ୍ଜୟ ବାବୁ, ବିଜୁ ଜନତାଦଳ ମହାନଗର ସଭାପତି ପ୍ରଫୁଲ୍ଲ ଦାସ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲ୍ଲା ଓବିସି ମଂଚ ଆବାହକ ସରୋଜ ସାହୁ, ଡକ୍ଟର ସଂଯୁକ୍ତା ମେହେର, ତ୍ରିବେଣୀ ପଣ୍ଡା, ଶାନ୍ତି କର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପାଲି ଗ୍ରାମର ବରିଷ୍ଠ ନାଗରିକ ଦ୍ୱାରିକା ପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସେଠ, ଚୈତନ୍ୟ ମେହେର, ଜୟମଙ୍ଗଳ ସାହୁ, ଯୋଗେଶ୍ୱର ବନଛୋର, ରାଜାରାମ ବାରିକ, ଜହର ମଣ୍ଡଳ, ରାଧେଶ୍ୟାମ ବାରିକ, ଆଲୋକ ମିଶ୍ର, ଡମ୍ବରୁ ଖଡିଆ, ଗୋପୀ ଖଡିଆ ପ୍ରମୁଖଙ୍କ ସହଯୋଗରେ ସ୍କାନ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟକୁମାର ପଣ୍ଡା, ଜିତେନ୍ଦ୍ର ପାତ୍ର, ପ୍ରଦ୍ୟୁମ୍ନ ସେଠୀ, ଅମ୍ବୁଜ ନାଏକ, ଚିତରଂଜନ ପଣ୍ଡା, ଦିନରଂଜନ ଦାସ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ‘ସ୍କାନ’ର ସଂପାଦକ କୁଳଶେଖର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



## କେନ୍ଦ୍ରାପଡାରେ ଅଗଷ୍ଟ କ୍ରାନ୍ତୀ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗରାପୁର ଡାକବଙ୍ଗଳା ପରିସରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଅଗଷ୍ଟକ୍ରାନ୍ତୀ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଡାକବଙ୍ଗଳା ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ପରିଷଦର ସଭାପତି ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ଡଃ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ୧୯୪୨ମସିହାରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସମଗ୍ର ଭାରତ ବର୍ଷର ଲୋକମାନେ ବ୍ୟାପକ ଗଣ ଆନ୍ଦୋଳନ କରିବା ଫଳରେ ବ୍ରିଟିସ ସରକାର ଭାରତ ଛାଡିବାକୁ ବାଧ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ପ୍ରଭାବ କିଭଳି ସମଗ୍ର ଭାରତବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲା ସେ ସମ୍ପର୍କରେ ବକ୍ତାମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ୫ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ,କେନ୍ଦ୍ରାପଡା ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପୂର୍ବତନ ନଗରପାଳ ଧିରେନ ସାହୁ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, କରୁଣାକର ଦାସ, ଶିବ ପ୍ରସାଦ ଭଳ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଦୁଷ୍ମନ୍ତ ମଲିକ,ବିଜେଡି ନଗର ଆଇଟି ସେଲର ଦେବେନ୍ଦ୍ର ଦାସ, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶିନାଥ ରାଉତରାୟ, ଅମୀୟ ନାୟକ, ବୈଷ୍ଣବ ସ୍ୱାଇଁ, ରଞ୍ଜନ ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ କେନ୍ଦ୍ରାପଡା ଜିଲ୍ଲାର ବିକାଶ ପାଇଁ ପ୍ରଫେସର ପରିଡା ଓ ଅଧ୍ୟାପକ ସାମଲ ପ୍ରମୁଖ କେନ୍ଦ୍ରାପଡାରେ ମେଡିକାଲ କଲେଜ, ବିଶ୍ୱ ବିଦ୍ୟାଳୟ ଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଏବଂ କେନ୍ଦ୍ରାପଡା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ନିମନ୍ତେ ସମସ୍ତଙ୍କୁ ଏକଜୁଟ ହୋଇ ଦାବି ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟିକା ଡଃ. ମଲ୍ଲିକ ଓ ସାହିତ୍ୟିକ ଡଃ. ଦାସ ସରକାରଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇବାକୁ ଜନଜାଗରଣ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ମୃତି କମିଟି ସଂଯୋଜକ ଡଃ. ଗଦାଧର ମଲ୍ଲିକ ଓ ଆବାହକ ରାଜେଶ ପଣ୍ଡା ସଭାପରିଚାଳନା କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଏକ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସଭାର ସଫଳତା କାମନା କରି ଏକ ବାର୍ତ୍ତା ପଠାଇଥିଲେ। ଶେଷରେ କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରାନ୍ତି ଦିବସରେ କଂଗ୍ରେସ ପକ୍ଷରୁ ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ

କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଅଗଷ୍ଟ ୯କ୍ରାନ୍ତି ଦିବସ ଉପଲକ୍ଷେ କେନ୍ଦ୍ରାପଡାର ଗରାପୁର ଡାକବଙ୍ଗଳା ଛକସ୍ଥିତ ଗାନ୍ଧୀ ମୂର୍ତ୍ତି ଓ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ, ଇଛାପୁର ଆର.ଡି ଅଫିସ ଛକ, ଭାସ୍କର ଟକିଜ ସନ୍ନିକଟ ଓ କଂଗ୍ରେସ ଭବନ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ମହାତ୍ମା ଗନ୍ଧୀଙ୍କ କର ବା ମର ଆହ୍ୱାନକୁ ସ୍ମରଣ କରିବା ସହ ରାଜ୍ୟ ତଥା ଦେଶର ପୁନଃ ନିର୍ମାଣ ପାଇଁ ଶପଥ ଗ୍ରହଣ କରାଯାଇଥିଲା। ପୁର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସାମ୍ବିଧାନିକ ତଥା ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଦେଶବାସୀ ଆଉ ଏକ ମହାସଂଗ୍ରାମ ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ନିଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନରେ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରସ୍ତାବିତ ସ୍ୱାଧିନତା ସ୍ମାରକୀ ପଦଯାତ୍ରା ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଶ୍ରୀ ବେହେରା କଂଗ୍ରେସ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପ୍ରଫୁଲ ଦାସ, ଆକବର ଅଲ୍ଲୀ, ପ୍ରଦୀପ ମହାନ୍ତି, ମୁକ୍ତାର ଖାଁ, ଚିତ୍ରସେନ ପରିଡା, ସଂଜୟ ରାଉତ, ଯୁବକଂଗ୍ରେସ ନେତା ରତିକାନ୍ତ ସାମଲ, ଧରଣୀ ଧର ସୁଆର, ନଳୀନି କାନ୍ତ ମହାନ୍ତି, ନରେଶ ଜେନା, ରଜନୀ କାନ୍ତ ନାୟକ, ଗୌଉମ ପ୍ରଧାନ, ଶେଖ୍ ସରାଫତ, ଶେଖ୍ ହବୋ, ଶେଖ୍ ବାବୁ ପ୍ରମୁଖ ସାମିଲ ହୋଇଥିଲେ।

## ଟାଉନଥାନା ପୋଲିସ ପକ୍ଷରୁ ବ୍ରାଉନ୍‌ସୁଗାର ଜବତ ଓ ୩ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ବଡହାଟ ନିକଟସ୍ଥ କେନାଲ କୁଳରୁ ଟାଉନ ଥାନା ପୋଲିସ ଦ୍ୱାରା ବ୍ରାଉନ୍‌ସୁଗାର ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନଙ୍କ ନିକଟରୁ ୯.୫୭ ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଗିରଫ ହୋଇଥିବା ଆସାମୀମାନେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ସେକ୍ ରହିଲ୍, ମହମ୍ମଦ୍ ଇନଜାମୁଲ୍ ହକ୍ ଓ ବଡହାଟ ଗ୍ରାମର ସେକ୍ ଅରସାଦ୍। ଏହି ତିନିଜଣ ବହୁଦିନ ଧରି ବ୍ରାଉନ୍‌ସୁଗାର ବିକ୍ରି କରିବା ସହିତ ସେବନ କରୁଥିଲେ ବୋଲି ଟାଉନଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ସୂଚନା ଦେଇଛନ୍ତି।

## ବେକରେ ରଶି ଲଗାଇ ନାବାଳିକାଙ୍କ ଅତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ବ୍ରାହ୍ମଣଦା ଗ୍ରାମରେ ଜଣେ ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ ବ୍ରାହ୍ମଣଦା ଗ୍ରାମର ସୁବାସ ଚନ୍ଦ୍ର ବରାଳ ଓ ସମିତିସଭ୍ୟା ତିଳୋତମା ବରାଳଙ୍କ ଝିଅ ସମୀକ୍ଷା ବରାଳ (୧୭)। ସେ ଜାରକାସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଥିବା ବେଳେ ଚଳିତ ଥର ସେ +୨ କଳାର ଶେଷ ବର୍ଷ ପରୀକ୍ଷାଦେଇ ତୃତୀୟ ଶ୍ରେଣୀରେ ପାସ କରିଥିଲେ। ତେବେ କୌଣସି କାରଣରୁ ନିଜ ଘରେ ବେକରେ ରଶି ଲଗାଇ ସିଲିଂ ଫ୍ୟାନରେ ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ଡାକ୍ତରଖାନାରେ ପହଁଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବଡଚଣା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅବିଭକ୍ତ କୋରାପୁଟ ଜିଲା ଭୁମିଆ ସମାଜ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଜୟପୁର, (ପି.ଏନ): ଅବିଭକ୍ତ କୋରାପୁଟ ଜିଲା ଭୁମିଆ ସମାଜର ବିକାଶ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାର ଭୁମିଆ ସମାଜର ସଦସ୍ୟ ମାନେ ଏକତ୍ରିତ ହୋଇ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଥିଲେ । ସେଠାରେ ଉପ ଜିଲାପାଳଙ୍କୁ ୧୦ ଦଫା ସମ୍ବଳିତ ଏହି ଦାବିପତ୍ର ପ୍ରଦାନ କରାଯାଇଛି ।ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭୁମିଆ ସମାଜରେ ଜଣେ ମହିଳା ବା ଝିଅ ସାଧାରଣ ବର୍ଗ କିମ୍ବା ଅନୁସୁଚିତ ଜାତି ବ୍ୟକ୍ତିକୁ ବିବାହ କଲେ ମଧ ତାର ମୃତ୍ୟୁ ଯାଏଁ ଅନୁସୁଚିତ ଜନଜାତି ରହୁଛି । ଯଦ୍ଵାରା ସାଧାରଣ ବର୍ଗର ବ୍ୟକ୍ତି ଅନୁସୁଚିତ ଜନଜାତିର ସମସ୍ତ ପ୍ରକାର ସୁଯୋଗ ପାଉଛି । ଅନୁସୁଚିତ ଜାତିର ଜମି କିଣା, ରାଜନୀତି କ୍ଷେତ୍ରରେ ଫାଇଦା, ସରକାରି ଚାକିରି ଏପରି କ୍ଷେତ୍ରରେ ସୁଯୋଗ ନେଉଛନ୍ତି । ତେଣୁ ମହିଳା ଓ ଝିଅକୁ ଅନୁସୁଚିତ ଜନଜାତିରୁ ସମ୍ପୂର୍ଣ୍ଣବାଦ ଦିଆଯାଉ, ଭୁମିଆ ସମାଜର ବ୍ୟକ୍ତି ଯଦି ଖ୍ରିଷ୍ଟ ଧର୍ମ ଗ୍ରହଣ କରେ ତେବେ ସେ ବ୍ୟକ୍ତିକୁ ସାଧାରଣ ବର୍ଗରେ ସାମିଲ କରିବା, ଭୁମିଆ ଜାତି ନାମରେ ଅବିଭକ୍ତ କୋରାପୁଟ ଜିଲାରେ ସାଧାରଣ ବ୍ୟକ୍ତି ଜାଲ, ଜମି ପଟ୍ଟା ଓ ଜାତିଗତ ପ୍ରମାଣ ପତ୍ର ହାତେଇ ସରକାରି ବା ବେସରକାରି ଚାକିରି ଏବଂ ରାଜନୈତିକ ପଦ ପଦବି ଅକ୍ତିଆର କରି ଆଦିବାସୀ ମାନଙ୍କୁ ଶୋଷଣ କରୁଛନ୍ତି, ତେଣୁ ଏହାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉ, ଭୁମିଆ ସମାଜର ସ୍ଵାଧିନତା ସଂଗ୍ରାମି ଶହଦି ଲକ୍ଷ୍ମଣ ନାୟକ ଗ୍ରାମ ତେନ୍ତୁଳିଗୁମ୍ମାର ଜନସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ଏହାର ବିକାଶ ନିମନ୍ତେ ସରକାରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରାଥମିକ ସ୍ଵାସ୍ଥ୍ୟକେନ୍ଦ୍ର ନିର୍ମାଣ, ଜିଲା କାର୍ଯ୍ୟାଳୟ ଠାରୁ ତେନ୍ତୁଳିଗୁମ୍ମା ଗ୍ରାମକୁ ବସ ଓ ପରିବହନ ବ୍ୟବସ୍ଥା କରିବା, ଅବିଭକ୍ତ କୋରାପୁଟ ଜିଲାରେ ଶିକ୍ଷାର ବ୍ୟବସ୍ଥା ନିମନ୍ତେ ଅନୁସୁଚିତ ଜନଜାତି ଛାତ୍ର ଛାତ୍ରୀଙ୍କ ପାଇଁ ହଷ୍ଟେଲରେ ରହି ପାଠପଢାର ବ୍ୟବସ୍ଥା ରହିଛି ।

# ଓମ୍ ଶାନ୍ତି ଯୋଗପୀଠ ର ତ୍ରୟୋମାସିକ ସଭା

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ରାଜେନ୍ଦ୍ର ପାର୍କ ଠାରେ ଓମ୍ ଶାନ୍ତି ଯୋଗପୀଠ ର ତ୍ରୟୋମାସିକ ସଭା ସଭାପତି ନାରାୟଣ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଂପାଦକ ଚୁଡେନ୍ଦ୍ର କୁମାର ବେହେରା ପୂର୍ବ ସଭାର ବିଷୟବସ୍ତୁ କୁ ଅନୁମୋଦନ କଲା ପରେ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ । ଏଥିରେ ମୁଖ୍ୟତଃ ସଭ୍ୟମାନେ ନିୟମିତ ଯୋଗ କେନ୍ଦ୍ରରେ ଯୋଗଦାନ, ନୂତନ ସଭ୍ୟ ସଂଗ୍ରହ, ବାର୍ଷିକ ସଭ୍ୟ ଚାନ୍ଦା, ଆଗାମୀ ଦିନ ରେ ଯୋଗ କେନ୍ଦ୍ର ତରଫରୁ ହେବାକୁ ଥିବା ବାର୍ଷିକ ଉତ୍ସବ ପାଳନ, ବାର୍ଷିକ ବଣଭୋଜି, ବାର୍ଷିକ ଅଡିଟ, ଗୁରୁ ପୂର୍ଣ୍ଣିମା, ଜଳସାଇ ଇତ୍ୟାଦି ପାଳନ ଉପରେ ସମସ୍ତ ସଭ୍ୟଙ୍କ ମତାମତ ନେଇଥିଲେ ।

# ବଲାଙ୍ଗିର ଠାରେ ଶିଶୁ ଶ୍ରମିକ ନିରାକରଣ ପାଇଁ ସଚେତନତା ବୈଠକ : ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱ

ବଲାଙ୍ଗିର,(ପି.ଏନ): ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟ ।ଳୟ ସମ୍ମିଳନୀ କକ୍ଷ ଠାରେ ବଲାଙ୍ଗିର ଜିଲାରେ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ବୈଠକ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧରୁଆ ଉଦବୋଧନ ଦେଇ ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ସଂଗଠିତ ଭାବେ ସବୁ ସ୍ତରରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଏଥି ନିମନ୍ତେ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଡେପୁଟି କଲେକ୍ଟର ଶୁଭସ୍ମିତା ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଲୀଳାବତୀ ନାଗ, ଡିଏସପି, ଏଚଆରପିସି ସସ୍ମିତା ବାରିକ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ – ନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଶ୍ରମ ନିରିକ୍ଷକ, ବଲାଙ୍ଗିର ଚାମ୍ବର ଅଫ କମର୍ସ ର ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ସମ୍ପାଦକ କିଶୋର କୁମାର ରଥ, ବଲାଙ୍ଗିର ଟେଷ୍ଟ ହାଉସ ଏସୋସିଏସନର ସଭାପତି ସୁଦାମ ଦାଶ, ଶିଶୁ କଲ୍ୟାଣ କମିଟିର ଅଧକ୍ଷ ଲମ୍ବୋଦର ଦୀପ, ଶିଶୁ କଲ୍ୟାଣ କମିଟିର ସଦସ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଶ୍ରମ ଆଇନ ୧୯୮୬ ସମ୍ପର୍କରେ ଆଲୋଚନା ହେବାସହ ୧୪ ବର୍ଷ ପୂର୍ଣ୍ଣ କରିନଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତି ଏବଂ ପ୍ରକ୍ରିୟାରେ ତଥା ୧୪ ବର୍ଷରୁ ୧୮ ବର୍ଷ ବୟସର କିଶୋର ମାନଙ୍କୁ ବିପଦସଙ୍କୁଳ ବୃତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ଅଟେ ତେଣୁ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା କରାଯିବା ଉପରେ ଆଲୋଚନା କରାଯାଇଥିଲା । ଯଦି କୌଣସି ବ୍ୟକ୍ତି ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କାମରେ ନିୟୋଜିତ କରିଛନ୍ତି କିମ୍ବା ୧୪ ବର୍ଷରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା କିଶୋର ମାନଙ୍କୁ ବିପଦସଙ୍କୁଳ ବୃତି ଏବଂ ପ୍ରକ୍ରିୟାରେ ନିୟୋଜିତ କରିବାର ନଜରକୁ ଆସେ ତେବେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରିପାରିବେ । ଏତଦବ୍ୟତୀତ ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ ନମ୍ବର ୧୫୫୩୭୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮ କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ବୈଠକରେ ଶିଶୁ ଶ୍ରମିକ ଚିହ୍ନଟ କରିବା ସହ ସେମାନଙ୍କ ଥଇଥାନ ଉପରେ ଆଲୋଚନା ହୋଇଥିଲା । ଶିଶୁ ଶ୍ରମିକ ଆଇନର ଉଲ୍ଲଂଘନ କରୁଥିବା ଅନୁଷ୍ଠାନ କିମ୍ବା ବ୍ୟବସାୟୀକ ପ୍ରତିଷ୍ଠାନ ଉପରେ ଶ୍ରମ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଡେପୁଟି କଲେକ୍ଟର ଶୁଭସ୍ମିତା ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଜିଲ୍ଲା ପରାମର୍ଶଦାତା ସନ୍ଧ୍ୟାରାଣୀ ପତି ସଭା ପରିଚାଳନା କରିଥିଲେ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଣ୍ଡିଆ ବାବା କ୍ରିକେଟ ଟୁର୍ଣ୍ଣାମେଂଟ : ଜୟନ୍ତୀଗଡ଼ ଚମ୍ପିୟାନ

ଚମ୍ପୁଆ, (ପି.ଏନ): ଚମ୍ପୁଆ ବ୍ଲକ ଭଣ୍ଡା ପଂଚାୟତ ଅନ୍ତର୍ଗତ ଭଣ୍ଡା ଖେଳ ପଡିଆ ଠାରେ ଗତ ଜୁନ ୨ ରୁ ଆରମ୍ଭ ହୋଇଥିବା ଚଣ୍ଡିଆ ବାବା କ୍ରିକେଟ ଟୁର୍ନାମେଂଟ କ୍ରିକେଟ ଖେଳର ଉଦଯାପନ ହୋଇ ଯାଇଛି । ଏଥିରେ ଅଂଚଳର ଷୋହଳ ଟି କ୍ରିକେଟ ଖେଳାଳି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଝାଡ଼ଖଣ୍ଡ ଜୟନ୍ତୀଗଡ଼ ବାବୁସାହି ସହିତ ଚମ୍ପୁଆ ତ୍ରିରଙ୍ଗା ଇଲେଭେନ ମଧ୍ୟରେ ମୁକାବିଲା ହୋଇଥିଲା । ୧୨ ଓଭର କରି ଖେଳା ଯାଇଥିବା ମ୍ୟାଚ ରେ ଟସ ଜିତି ଚମ୍ପୁଆ ଦଳ ବ୍ୟାଟିଂ କରି ୧୦୩ ରନ କରିଥିବା ବେଳେ ଜୟନ୍ତୀଗଡ଼ ବାବୁସାହି ଦଳ ୯ ଓଭର ରେ ୧୦୪ ରନ କରି ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା । ଖେଳର ଧାରା ବିବରଣୀ ଯୁବ ଭାଷ୍ୟକାର ବରୁଣ କୁମାର ବେହେରା ପ୍ରଦାନ କରିଥିବା ବେଳେ ଅମ୍ପାୟାର ରଞ୍ଜନ କୁମାର ମହାନ୍ତ ଓ ମାନସ ରଞ୍ଜନ ମହାନ୍ତ ଖେଳକୁ ପରିଚାଳନା କରିଥିଲେ ।ଉଦଯାପନୀ ପୁରସ୍କାର ବିତରଣ ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ବିନୟ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଡାକ୍ତର ବୈକୁଣ୍ଠ ନାଥ ଦାସ, ସମ୍ମାନିତ ଅଥିତି, ବକ୍ତା ଭାବେ ଶିକ୍ଷାବିତ ବୈଦ୍ୟନାଥ ମହାନ୍ତ, କମଳା କାନ୍ତ ମହାନ୍ତ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରି ଭାତୃଭାବ ସୃଷ୍ଟି କରି ସୌହାଦ୍ୟ ପୂର୍ଣ୍ଣ ବାତାବରଣ ମଧ୍ୟରେ ଖେଳୁଆଡ଼ ମନୋଭାବ ନେଇ ଖେଳ ଖେଳିବାକୁ ମୁଖ୍ୟ ଅଥିତି ଖେଳାଳି ମାନଙ୍କୁ ଦିଗଦର୍ଶନ ଦେଇ କଠିନ ପରିଶ୍ରମ ଓ ଅଧବସାୟ ନେଇ ଆଗେଇ ଆସି ରାଜ୍ୟ, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବାକୁ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅତିଥି ମାନେ ବିଜୟୀ ଚମ୍ପିୟାନ ବାବୁସାହି ଜୟନ୍ତୀଗଡ଼ କୁ ପ୍ରଥମ ପୁରସ୍କାର ୧୨ ହଜାର ଟଙ୍କାର ନଗଦ ଅର୍ଥ ରାଶି ଟ୍ରଫି ଓ ଚମ୍ପୁଆ ଦଳକୁ ୨ୟ ପୁରସ୍କାର ୯ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । କ୍ରିକେଟ ଖେଳକୁ ଚଣ୍ଡିଆ ବାବା କ୍ରିକେଟ ଟୁର୍ନାମେଂଟ କମିଟି ସଦସ୍ୟ – ସତ୍ୟଜିତ ବେହେରା, ହେମନ୍ତ କୁମାର ବେହେରା, ଗଜେନ୍ଦ୍ର ବେହେରା, ଲିପୁନ ନାଏକ, ହର ପ୍ରସାଦ ମହାନ୍ତ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇ ଥିଲା । କ୍ରିକେଟ ଖେଳ ଦେଖିବାକୁ ସହସ୍ରାଧିକ କ୍ରିକେଟ ପ୍ରେମୀ ମାନଙ୍କ ସମାଗମ ହୋଇଥିଲା ।

# ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କ ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମ

ମାଲକାନଗିରି, (ପି.ଏନ): ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଂଚଳ ର ୩ ଗୋଟି ପଂଚାୟତ ଅଣ୍ଡରା ପାଲି, ଯୋଡାମ୍ବ , ପଣସପୁଟ ଗ୍ରାମ ପଂଚାୟତ ର ମଧ୍ୟାହ୍ନ ଭୋଜନପାଚିକା ଓ ସହାୟିକା ଙ୍କ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା !ଏହି ତାଲିମ୍ କେନ୍ଦ୍ର ରେ ତାଲିମ୍ ଦାତା ଭାବେ ସୁଶାନ୍ତ ପାତ୍ର, ପର୍ଯ୍ୟବେକ୍ଷକ ଭାବେ କୃପାସିନ୍ଧୁ ଆମ୍ବଗୁଡ଼ିଆ , ମଧ୍ୟାହ୍ନ ଭୋଜନ ନୋ ଡାଲ ଅଫିସର ହେମନ୍ତ କୁ ନାୟକ ଓ ସ୍ଥାନୀୟ ଆଂଚଳିକ କେନ୍ଦ୍ର ସଂଯୋଜକ ଶିବ ପ୍ରସାଦ ସରକାର ଉପସ୍ଥିତ ଥିଲେ !ତାଲିମ ଦାତା ଶ୍ରୀ ପାତ୍ର ମଧ୍ୟାହ୍ନ ଭୋଜନ ପରିଚାଳନା ସମ୍ବନ୍ଧୀୟ ଭିଡିଓ ଦେଖାଇ ତାଲିମ୍ ଦେଇଥିଲେ । ଏଥିରେ ୩ ଟି ପଂଚାୟତ ର ପ୍ରାୟ ୬୦ ଜଣ ପାଚିକା ଓ ସହାୟିକା ଉପସ୍ଥିତ ଥିଲେ । ସେମାନଙ୍କୁ ଖାଦ୍ୟ କିପରି ସ୍ୱଚ୍ଛ ଓ ସୁସ୍ଥ ବାତାବରଣରେ ପରିବେଷଣ କରାଯିବ, ଭିଟାମୀନ ଯୁକ୍ତ ଚାଉଳକୁ କିପରି ବ୍ୟବହାର ଓ ସୁରକ୍ଷା କରି ରଖାଯାଇ ପାରିବ, ସ୍କୁଲରେ ଥିବା ପୋଷଣ ବଗିଚାର ଯତ୍ନ ସହ ତାହାର ସଦ୍ ଉପଯୋଗ କରିବା, ପୁଷ୍ଟିକର ଓ ଖାଦ୍ୟ ସାର ଯୁକ୍ତ ପନିପରିବା ଦେଇ ରକ୍ତହୀନତା କିପରି ଦୂର କରା ଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ପାଇଁ ତାଲିମ୍ ରେ କୁହାଯାଇଥିଲା । ଶେଷ ରେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବି ପହଂଚି ଯେଉଁ ବିଷୟରେ ତାଲିମ୍ ଦିଆଗଲା ତାହାକୁ ସ୍କୁଲ ରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ତାପରେ ମାନପତ୍ର ଦେଇ ତାଲିମ୍ କାର୍ଯ୍ୟକ୍ରମ କୁ ଶେଷ କରିଥିଲେ ।

# ଶିଳ୍ପ ପାର୍କ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବିଶେଷଜ୍ଞ କମିଟି ସଭା ଅନୁଷ୍ଠିତ

ଭଦ୍ରକ,(ପି.ଏନ) ଭଦ୍ରକ ଜିଲ୍ଲାରେ ଶିଳ୍ପ ପାର୍କ ପ୍ରକଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଏକ ବିଶେଷଜ୍ଞ କମିଟିର ସଭା ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶାନ୍ତନୁ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ ଶ୍ରୀ କାର୍ତ୍ତିକନାଥ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ପ୍ରାଧ୍ୟାପକ ଶ୍ରୀ ହରେକୃଷ୍ଣ ନାୟକ, ସହାୟକ ପ୍ରଫେସର ଶ୍ରୀ ବଳରାମ ମିଶ୍ର, ଶିଳ୍ପପାର୍କର ଆର୍ଥିକ, ସାମାଜିକ, ପାରିବେଶିକ ଦିଗ ଉପରେ ନିଜର ମତ ଓ ମନ୍ତବ୍ୟ ରଖିଥିଲେ । କଇଥଖୋଲା ସରପ ଙ୍କ ପ୍ରତିନିଧି ଶ୍ରୀ ବଇରି ରଂଜନ ସାମଲ ପ୍ରଭାବିତ ଅ ଲରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସରବରାହ ସମ୍ବନ୍ଧୀୟ ଉନ୍ନତୀକରଣ, ଭୂମିହରାଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରିବା ପାଇଁ ନିଜର ମତ ରଖିଥିଲେ । ସ୍ଥାନୀୟ ଅ ଲରେ ଉପୁଜୁଥିବା ଜଳସଙ୍କଟ ଉପରେ ଆଲୋକପାତ କରିବାର ଉ ରରେ ଅତିରିକ୍ତ ଜିଲ୍ଲାପାଳ ଯଥାଶୀଘ୍ର ସମାଧାନ କରିବାର ପ୍ରତିଶ୍ରୁତି ରଖିଥିଲେ । ଜାଗୁଲା ସରପ ଶ୍ରୀ ସୁରେଶ ସେଠୀ, କୌଶଳ ବିକାଶ ଇତ୍ୟାଦି ଉପରେ ନିଜର ମତ ପ୍ରକାଶ କରିଥିଲେ । ଜିଲ୍ଲା ନିବେଶ ଉନ୍ନତିକରଣ ଏଜେନ୍‌ସି ତରଫରୁ ସୁବ୍ରତ କୁମାର ସ୍ୱାଇଁ ଏବଂ ଓଷ୍ଟା ତରଫରୁ ଶଶିଭୂଷଣ ବେହେରା ଶିଳ୍ପ ପାର୍କ ଯୋଗୁଁ ହେବାକୁ ଥିବା ଆନୁସଙ୍ଗିକ ଉଦ୍ୟୋଗ, ସ୍ୱ–ରୋଜଗାର ଏବଂ ଅନ୍ୟାନ୍ୟ ଲାଭ ବିଷୟରେ ଜନପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ଭାରତର ଦ୍ରୁତ ଶିଳ୍ପାୟନ ଏବଂ ଏଥିରେ ଭଦ୍ରକ ଜିଲ୍ଲାର ସ୍ୱତନ୍ତ୍ର ଭୂମିକା ନେବ ବୋଲି ଆଶା ପ୍ରକାଶ କରିଥିଲେ ।

# କନ୍ଧମାଳ ଜିଲ୍ଲାରେ ଜଳପ୍ରକଳ୍ପ ପାଇଁ ମିଳିତ ନାଗରିକ କମିଟି ପକ୍ଷରୁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ

କନ୍ଧମାଳ, (ପି.ଏନ): କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସିଥିବାରୁ ମିଳିତ ନାଗରିକ କମିଟି ପକ୍ଷରୁ ଜିଲାରେ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସମୁଦ୍ର ପତ୍ତନଠାରୁ ପ୍ରାୟ ୧୫୦୦ମିଟର ଉଚ୍ଚତାରେ ଥିବା ୭୪ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବହୁଳ କନ୍ଧମାଳ ଜିଲାରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୁପ ଧାରଣ କରୁଥିବା ମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଫୁଲବାଣୀ ପୌର ପରିଷଦ ଦେଇ ବହି ଯାଉଥିବା ପିଲାସାଲକି ନଦୀର ପିଅନପଡା ଠାରେ ,ଏବଂ ଫୁଲବାଣୀ ସାହିଠାରେ ଦୁଇଟି ବ୍ୟାରେଜ ନିର୍ମାଣ ସହ ବଡସାଲୁଙ୍କି ନଦୀରେ କେରେଡି, ବିଶିପଡା ତୁଡିପାଜୁ ଓ ପର୍ଯ୍ୟଟନ ସ୍ଥଳ ପୁତୁଡି ଠାରେ ପ୍ରାଥମିକ ପର୍ଯ୍ୟାୟରେ ବ୍ୟାରେଜ ନିର୍ମାଣ କରାଗଲେ ଭୂପୃଷ୍ଠସ୍ଥ ଜଳସ୍ତର ବୃଦ୍ଧି ପାଇବ, କୃଷି ପାଇଁ ଜଳସେଚନ ଓ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ଲିଖିତ ଭାବେ ଦିଆଯାଇଛି ।ଏହି ଦୁଇଟି ନଦୀରେ ୬ଟି ପ୍ରକଳ୍ପ ପାଇଁ ପ୍ରାୟ ୨୫–୩୦ କୋଟି ଟଙ୍କା ବ୍ୟୟ ହେବ । ଏହା ବ୍ୟତୀତ ଜିଲାର ଆଠ ଦଶଟି ଜଳପ୍ରପାତ ସ୍ଥାନରେ ବା ନିକଟବର୍ତ୍ତୀ ଅଂଚଳରେ ବ୍ୟାରେଜ ପାଇଁ ଜଳସମ୍ପଦ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି ।ଜିଲାର ଅନ୍ୟ ୧୧ଗୋଟି ବ୍ଲକରେ ଥିବା ଛୋଟ ଛୋଟ ନଦୀରେ ତିନି ଚାରୋଟି ଲେଖାଏଁ ଆଡିବନ୍ଧ ବା ବ୍ୟାରେଜ ନିର୍ମାଣ କଲେ କନ୍ଧମାଳ ଜିଲାରେ ଜଳ ସମସ୍ୟା ଦୁର ହେବା ସହ ନଦୀ ଉପକଣ୍ଠରେ ଥିବା ଜମିକୁ ଜଳସେଚନ କରି ଚାଷୀମାନେ ଲାଭବାନ ହେବା ସହ ପାନୀୟ ଜଳ ସମସ୍ୟା ଦୁର ହୋଇପାରିବ ।କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନଦୀରେ ବ୍ରିଜ ନଥିବା ହେତୁ ଲୋକମାନେ ଗଛରେ ତାର ବାନ୍ଧି ବିପଦସଂକୁଳ ଅବସ୍ଥାରେ ନଦୀ ପାରି ହେଉଥିବାର ଦୟନୀୟ ଚିତ୍ର କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ବର୍ଷା ଦିନେ ଚର୍ଚ୍ଚାର ବିଷୟ ହେଉଥିବାରୁ ଉକ୍ତ ସ୍ଥାନ ଚିହ୍ନଟ କରି ବ୍ୟାରେଜ ଓ ବ୍ରିଜ ଉଭୟ ଅଗ୍ରାଧିକାର ଭିତିରେ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ଭି ସୁବ୍ରମନ୍ୟମ, ମନୋଜ ଚୌଧୁରୀ, ଉମେଶ ପାତ୍ର, ସୁଧିର ମହାରଣା, ସ୍ୱରୁପାନନ୍ଦ ପମ୍ପୁଖ ମନ୍ତ୍ରୀଙ୍କ ସହ ଆଲୋଚନା ରେ ଉପସ୍ଥିତ ଥିଲେ । ମନ୍ତ୍ରୀ ଏହା ତାଙ୍କ ନିଜ ବିଭାଗ ,ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଷ୍ଟି ଦେବାକୁ କହିଥିଲେ ।


MAHARISHI PUBLIC SCHOOL
मा विद्याधिगम्यताम्



2023-2024
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

